# ବିଜ୍ଞପ୍ତି

ଏତଦ୍ବାରା ଯାଜପୁର ଜିଲ୍ଲାର ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛିକି, ଶାସନର ସୁଫଳ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ ପ୍ରୟାସ କରି ବର୍ତ୍ତମାନ ସରକାର ବିଭିନ୍ନ ପଦକ୍ଷେପ ମାନ ନେଉଛନ୍ତି। 'ମୋ ସରକାର' ଜରିଆରେ ଶାସନ କୁ ଅଧିକ କ୍ରିୟାଶୀଳ କରାଯାଇ ଜନସାଧାରଣମାନଙ୍କୁ ସମସ୍ତ ପ୍ରକାର ସୁବିଧା ଓ ସୁଯୋଗ ପ୍ରଦାନ କରାଯାଉଅଛି ।

ଓଡିଶାର ରାଜସ୍ୱ ପର୍ଷଦଙ୍କ ଦ୍ୱାରା ବିଭିନ୍ନ ପ୍ରକାରର କିସମ ରେକର୍ଡ କରିବା ନିୟମାବଳୀ ପ୍ରକାଶିତ ହୋଇଥିଲା। ତାହା ସତ୍ତ୍ୱେ ବର୍ତ୍ତମାନ ୭୦୦୦ ରୁ ଅଧିକ ପ୍ରକାରର କିସମ ବନ୍ଦୋବସ୍ତ ଓ ଚକବନ୍ଦୀ ସମୟରେ ରେକର୍ଡଭୁକ୍ତ ହୋଇଅଛି । ରାଜ୍ୟ ର ବିଭିନ୍ନ ଜିଲ୍ଲାରେ ସମାନ କିସମର ଜମି ଭିନ୍ନ ଭିନ୍ନ ନାମରେ ପ୍ରଚଳିତ । ସରକାର ସେ ସମୟରେ ପ୍ରଚଳିତ କିସମର ତର୍ଜମା ପୂର୍ବକ ପ୍ରଚଳିତ କିସମ ଗୁଡିକୁ ୧୨ ଗୋଟି ମୁଖ୍ୟ କିସମରେ ରଖିବାକୁ ପ୍ରସ୍ତାବ ରଖିଛନ୍ତି। ଏହାଫଳରେ ସାରା ରାଜ୍ୟରେ ଏକକ କିସମ ପ୍ରଣାଳୀ ପ୍ରଣୟନ କରାଯାଇପାରିବ। ଯେଉଁ ୧୨ ଗୋଟି କିସମ ପ୍ରଣୟନ ପାଇଁ ପ୍ରସ୍ତାବ ଅଛି ତାହା ନିମ୍ନରେ ପ୍ରଦତ୍ତ କରାଗଲା ।

୧। ଜଳସେଚିତ ଦୋଫସଲି
୨। ଜଳସେଚିତ ଏକଫସଲି
୩। ଅଣଜଳସେଚିତ (ବର୍ଷାତି)
୪। ଉଦ୍ୟାନ (ବଗାୟତ)
୫। ଜଳାଶୟ
୬। ଘରବାରି
୭। ବ୍ୟବସାୟିକ
୮। ଶିଳ୍ପ ଭିତ୍ତିକ
୯। ଜଙ୍ଗଲ
୧୦। ଅନୁଷ୍ଠାନ ଭିତ୍ତିକ
୧୧। ଖଣିଜ ଖାଦାନ
୧୨। ଅନ୍ୟାନ୍ୟ

ସେହିପରି ଓଡିଶା ଭୂମି ସଂଶୋଧନ ପୁନର୍ଗଠନ ଆଇନ ୧୯୬୦ , ଓଡିଶା ଭୂସମ୍ପତି ବିଲୋପନ ଆଇନ ୧୯୫୮ ହେବା ସତ୍ତ୍ୱେ, ବର୍ତ୍ତମାନ ୭୦୦ ରୁ ଅଧିକ ସ୍ୱତ୍ୱ ପ୍ରଚଳିତ ଅଛି । ଏହି ସମ୍ବନ୍ଧରେ ରାଜସ୍ୱ ବୋର୍ଡ ଦ୍ୱାରା ରୟତି ଜମି ରେକର୍ଡ କରିବା ପ୍ରଣାଳୀ ଏବଂ ସ୍ୱତ୍ୱାସ୍ୱତ୍ୱ ନିୟମାବଳୀ ୧୯୬୦ ମସିହାରେ ପ୍ରକାଶନ ହୋଇଥିଲା । ଏହି ନିୟମାବଳୀ କୁ ପୁନର୍ବାର ପୁନର୍ଗଠନ କରାଯାଇ ନିମ୍ନଲିଖିତ ୫ ଗୋଟି ସ୍ୱତ୍ୱ ପ୍ରଣୟନ ପାଇଁ ନିୟମାବଳୀ ପ୍ରକାଶ କରିବାକୁ ସ୍ଥିର କରାଯାଇଛି ।

୧। ରୟତି / ସ୍ଥିତିବାନ/ ଘର
୨। ପଟାଦାର / ପଟାଧାରୀ
୩। ଅମୃତମଣୋହୀ
୪। ମଠ / ମନ୍ଦିର/ ମସଜିଦ ସମ୍ପତି
୫। ନ୍ୟାସ ଭୂସମ୍ପତି

ଉପରୋକ୍ତ କିସମ ଓ ସ୍ୱତ୍ୱ ପ୍ରଣୟନ ଦ୍ୱାରା ଜମିଜମାର ରେକର୍ଡ ପ୍ରଣାଳୀ ସରଳ ହେବ । ସରକାରଙ୍କ ପରାମର୍ଶ ଅନୁଯାୟୀ ନୂତନ ନିୟମାବଳୀ ଅନୁମୋଦନ ପୂର୍ବରୁ ଓଡିଶା ର ଜନସାଧାରଣ ମାନଙ୍କ ଠାରୁ ପରାମର୍ଶ ଓ ଅଭିଯୋଗ ଆହ୍ୱାନ କରାଯାଉ ଅଛି । ଓଡିଶାର ଜନସାଧାରଣ, ବୁଦ୍ଧୀଜୀବୀ , କାର୍ଯ୍ୟରତ ସ୍ୱୟଂ ସହାୟକ ସଂଗଠନ ଏବଂ ଅନ୍ୟାନ୍ୟ ସଂଗଠନ ସେମାନଙ୍କର ଅଭିଯୋଗ ଏବଂ ସୁଚିନ୍ତିତ ମତାମତ ବିଜ୍ଞପ୍ତି ପ୍ରକାଶନର ୩୦ ଦିନ ମଧ୍ୟରେ ତହସିଲ / ଉପ – ଜିଲ୍ଲାପାଳ / ଅତିରିକ୍ତ ଜିଲ୍ଲାପାଳ / ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ଠାରେ ଉପସ୍ଥାପନ କରିପାରିବେ । କିସମ ଏବଂ ସତ୍ତ୍ୱ ର ସରଳୀକରଣ ର ଚିଠା ପ୍ରସ୍ତାବ ଯାଜପୁର ଜିଲ୍ଲା ର ୱେବସାଇଟ (www. Jajpur.nic.in) ରୁ ପ୍ରାପ୍ତ କରାଯାଇପାରିବ।

ଜିଲ୍ଲାପାଳ , ଯାଜପୁର